Sushree Gayatri Behera
Senior Runner up 2
Govt. High School, Kalipalli
Chattarpur

## ''ଡିଜିଟାଲ୍ ଟେକ୍ନୋଲୋଜୀ: କିପରି ଏହା ଆପଣଙ୍କ ଜୀବନରେ ସୁଧାର ଆଣିଥାଏ? ଆପଣଙ୍କ ମତରେ ଦେଷ ଓ ନାଗରିକଙ୍କ ବିକାଶ ପାଇଁ ଜିଡିଟାଲ୍ ଟେକ୍ନୋଲୋଜୀ କିପରି ହେବା ଉଚିତ?''

ଆଜିର ବିଜ୍ଞାନ ଏକ ବିସ୍ମୟ । କାଳ୍ପନାତୀତ ଜିନିଷ ଦ୍ୱାରା ସମ୍ଭବ ହୋଇଛି । ବିଜ୍ଞାନର ଅର୍ଥ ହେଲା – Things seen practical - ଅର୍ଥାତ୍ ଯାହା ନ ଦେଖିଛ ବେନି ନୟନେ, ପରତ ନ ଯିବ ଗୁରୁବଚନେ ।

ସାର୍ମ୍ପତିକ ଯୁଗ ବିଜ୍ଞାନର ଯୁଗ । ବିଜ୍ଞାନ ଚମତ୍କାରିକରଣରେ ବିଶ୍ୱମାନବ ମୁଗ୍ଧ । ବିଜ୍ଞାନର ଆର୍ଶୀବାଦରେ ହିଁ ମନୁଷ୍ୟର ଭୌତିକ ପ୍ରଗତି ସମ୍ଭବତର ହୋଇଛି । ଅତଏବ୍ ମାନବ ଜୀବନ ସହିତ ଆଧୁନିକ କାଳକ ଯେପରି Digital Technology ଓତପ୍ରୋତ ଭାବେ ଜଡିତ । ଡିଜିଟାଲ୍ ଇଣ୍ଡିଆ ଏକ ଅଭିଯାନ । ଯାହାକୁ ପ୍ରଧାନମନ୍ତ୍ରୀ ଦିଲ୍ଲୀର ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ବିଭିନ୍ନ ଉଦ୍ୟୋଗପତୀଙ୍କ ଉପସ୍ଥିତିରେ ପୁନର୍ବାର ଡିଜିଟାଲ୍ ଇଣ୍ଡିଆ ଅଭିଯାନ ଆରମ୍ଭ କରିଥିଲେ । ଏହି ଅଭିଯାନ ଭାରତ ସରକାରଙ୍କ ଏକ ନୂଆ ପଦକ୍ଷେପ । ଏହାର ଉଦ୍ଦେଶ୍ୟ ଭାରତ ତଥାଏଥିରେ ଥିବା ଗ୍ରାମପଞ୍ଚାୟତରେ ଥିବା ଲୋକମାନଙ୍କୁ ଡିଜିଟାଲ୍ ଟେକ୍ନୋଲୋଜୀ ବିଷୟରେ ଅବଗତ କରିବା । ଡିଜିଟାଲ୍ ଟେକ୍ନୋଲୋଜୀ ଅର୍ଥ 'Online Dictionary' ଏହି ଟେକ୍ନୋଲୋଜୀ ଇଣ୍ଟରନେଟ୍ ସେବା ସହିତ ପୁରାପୁରି ଭାବେ ଜଡିତ । ଡିଜିଟାଲ୍ ଟେକ୍ନୋଲୋଜୀର ଲକ୍ଷ ହେଉଛି – ଭାରତୀୟ ପ୍ରତିଭା ଓ ସୂଚନା ପ୍ରଯୁକ୍ତିବିଦ୍ୟା ।

ସାର୍ମ୍ପତିକ ମନୁଷ୍ୟ ସମାଜର ବୈଷିକ ଓ ସାଂସ୍କୃତିକ ପ୍ରଗତି ଏହା ଡିଜିଟାଲ୍ ଟେକ୍ନୋଲୋଜୀର ଅବଦାନ ଅଟେ । କାରଣ ଯେପରି ଭାବେ ଦିନକୁ ଦିନ ଜନସଂଖ୍ୟା ଦୃତ ଗତିରେ ବଢ଼ିଚାଲିଛି । ଏହି Technology ମାଧ୍ୟମରେ ଆମ ଦେଶର ପ୍ରତ୍ୟେକ ନାଗରିକ ମାନଙ୍କୁ ସଚେତନ କରାଇବା ନିତ୍ୟାନ୍ତ ଆବଶ୍ୟକ । କାରଣ A sound mind is in a sound body. ଆମ୍ଭେ ଅନୁଭବ କରୁ If heart is lost something is lost. ଯୁବ ସମାଜ ଏହି ଇଣ୍ଟନେଟ୍ ସେବା ମାଧ୍ୟରେ ନିଜ ଜୀବନକୁ କର୍ମମୟ ଓ ସୁନ୍ଦର କରିପାରିଛି । ତେଣୁ ଦେଶ ଓ ନାଗରିକମାନଙ୍କ ବିକାଶ ପାଇଁ Digital Technology ଏକ ଚମତ୍କାର ବ୍ୟବସ୍ଥା । ଏହାର ଯଦି ଅପବ୍ୟବହାର ହୁଏ ତେବେ ମଣିଷ Digital Technology ମନ୍ଦ ଦିଗରେ ପ୍ରୟୋଗ କରିବ । ତେବେ ଏ ସୁନ୍ଦର ସଂସାର ଅତିରେ ଧଂସପ୍ରାପ୍ତ ହେବ ।

ଡିଜିଟାଲ୍ ଟେକ୍ନୋଲୋଜୀର ଆବିସ୍କାର ପ୍ରଥମେ ଆମେରିକା ଇଞ୍ଜିନିୟର ମାନଙ୍କ ଦ୍ୱାରା ହୋଇଥିଲା । ଏହି ଟେକ୍ନୋଲୋଜି ସାଧାରଣତଃ ସୂଚନାବିଜ୍ଞାନ ଉପରେ ଆଧାରିତ । ଖୁସିର କଥା ଏହା ଯେ ବର୍ତ୍ତମାନ ଭାରତ ସରକାର ଭାରତକୁ ''ଡିଜିଟାଲ୍ ଇଣ୍ଡିଆ''ରେ ପରିଣତ କରିବାକୁ ଯାଉଛନ୍ତି । ଏହି Digital India ଆମ୍ଭେ ବହୁତ ସୁବିଧା ସୁଯୋଗ ପାଇପାରିବା । ସେଗୁଡିକ ହେଲା

- ଏହା ଦ୍ୱାରା ସରକାରଙ୍କ ପ୍ରତିଟି ସୁବିଧା ଓ ସୁଯୋଗର ଖବର ଆମେ ପାଇପାରିବା ।
- କୌଣସି କାମ ପାଇଁ ଆମକୁ ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡା ହେବାକୁ ପଡିବନି ଫଳରେ ସମୟର ସଦୁପଯୋଗ ହୋଇପାରିବ ।
- ଏହା ଦ୍ୱାରା ଆମ ପରିବେଶ ମଧ୍ୟ ସଫା ରହିବ ।
- ଏହା ଦ୍ୱାରା ଭାରତର କୋଣ ଅନୁକୋଣରୁ ଖବର ପାଇପାରିବା ।
- ଏହା ଦ୍ୱାରା ଆମର ଯେକୌଣସି ଦରକାରୀ ତଥ୍ୟ ବା ପ୍ରମାଣପତ୍ର ଯୁଗ ଯୁଗ ଧରି ସାଇତି ରଖିପାରିବା ଏବଂ ଯେ କୌଣସି ସମୟରେ ମଧ୍ୟ କହିଲେ ଆମର ସେହି ତଥ୍ୟ ଗୁଡିକ ପାଇ ପାରିବା ।
- ଏହା ଦ୍ୱାରା ସରକାରଙ୍କ ପ୍ରତିଟି ଯୋଜନାରୁ ଲାଭ ଆମେ ପାଇପାରିବା ।



ଡିଜିଟାଲ୍ ଇଣ୍ଡିଆର ସପ୍ତାହର ବୈଶିଷ୍ଟ୍ୟ: ଆଧୁନିକ ପରିମାଣ Digital କେନ୍ଦ୍ରମାନ ସ୍ଥାପନ କରି ସଂସ୍ଥା ଓ କାର୍ଯ୍ୟକ୍ରମ ମାନଙ୍କ ଜିରିଆରେ ନାଗରିକମାନଙ୍କୁ ସୂଚନା, ଶିକ୍ଷା ଏବଂ ନିଯୋଗ ପ୍ରଦାନ କରିବା । ଯଥା :- ପୋଷ୍ଟ ଅଫିସ୍, ସ୍କୁଲ୍, ଗ୍ରାମପଞ୍ଚାୟତ ଇତ୍ୟାଦି

୨. ସମସ୍ତ ନେଟ୍ ବ୍ୟବହାରକାରୀ ନାଗରିକମାନଙ୍କ ସହ Digital ପ୍ରଚ୍ରର ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ ଯୋଜିହେବା । ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସେବା ଏବଂ ଏହାର ଲାଭ ବାବଦରେ ଅବଗତ କରାଇବା । ୩. ''ଇ - ସେବା'' ଯେଜନା ଏବଂ ନୂଆ ଯୋଜନା ଗୁଡିକୁ ଲୋକ ପରିଚୟ ଏବଂ ବ୍ୟାପକ କରିବା । ୪. ବ୍ୟବହାରିକ ଡିଜିଟାଲ ସାକ୍ଷରତା ଦ୍ୱାରା ଲୋକମାନଙ୍କୁ ସିକ୍ଷିତ କରିବା । ସାଇବର ସିକ୍ୟୁରିଟି, ସାଇବର ଉଦ୍ଭାବନ, ଡିଜିଟାଲ୍ ଭିତ୍ତିଭୂମି ସୁବ୍ୟବହାର ଇତ୍ୟାଦି

ପାରିଶ୍ରମିକ, ପ୍ରେରଣା ଏବଂ ଏହି ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ସହ ଲୋକଙ୍କ ସହ ଯୋଡି ହେବା ।

ଡିଜିଟାଲ୍ ଇଣ୍ଡିଆର ସ୍ତମ୍ଭ:- ୧. ବ୍ରଡବ୍ୟାଣ୍ଡ ହାବେଲି, ୨. ସମସ୍ତଙ୍କ ଦ୍ୱାରା ଫୋନ ବ୍ୟବହାର, ୩. ''ଇ – ଶାସକ'' ବୈଜ୍ଞାନିକ ସହାୟତାରେ ସରକାରୀ କାର୍ଯ୍ୟ ସୁଦୃଢ଼ । ୪. ''ଇ – କ୍ରାନ୍ତି'' ଇଲକୋଟ୍ରନିକ ମାଧ୍ୟମରେ ସେବା ଅର୍ପଣ । ୫. ଜନସାଧାରଙ୍କ ଦ୍ୱାରା ଇଣ୍ଟରନେଟ୍ ବ୍ୟବହାର । ୬. ସମସ୍ତଙ୍କ ପାଇଁ ସୂଚନା । ୭. ''ଇଲେକଟ୍ରନିକ ଉଦ୍ଭାବନ'' ଇଲେକଟ୍ରନିକ ଉପକରଣ ମାନଙ୍କର ଶ୍ୱଚ୍ଛ ଆମଦାନୀ । ୮. ରେଜଗାର ପାଇଁ ଆର.ଟି । ୯. ଶୀଘ୍ର ଅମଳକ୍ଷମ ପ୍ରୋଗ୍ରାମ – ମାଧ୍ୟମରେ ଜନ ସଚେତନା ।

ବେଳେ ବେଳେ ଡିଜିଟାଲ୍ ଟେକ୍ନୋଲୋଜୀ ଆମ ମନରେ ଭୟ ସଂଚ୍ରର କରୁଅଛି । କାରଣ ଆମେ ଶିକ୍ଷାକୁ ଭଲ ଭାବେ ବୁଝି ନାହୁଁ । ଆମେ ନିଜେ ଭଲରେ ରହିବା ସହ ଅନ୍ୟମାନଙ୍କୁ ଭଲରେ ରଖିବା ପ୍ରଚେଷ୍ଟା ହିଁ ପ୍ରକୃତ ଶିକ୍ଷା । Technology ଯାହା ଦେଇଛି ତା'ର ସଦୁପଯୋଗ କଲେ ଆମେ ଐଶ୍ୱର୍ଯ୍ୟ ଭୋଗ କରିବା ଆଉ କହିବା Digital Technology ହିଁ ଭଗବାନ । Digital India ଭାରତ ସରକାରଙ୍କ ଏକ ଫ୍ଲାଗସିପ୍ ପ୍ରୋଗ୍ରାମ୍ ଯାହାର ଲକ୍ଷ୍ୟ ଭାରତକୁ Digital ସଶକ୍ତିକରି ସାମାଜିକ କ୍ଷେତ୍ରରେ ସମ୍ୟଦ୍ଧି କରିବା ଓ ପରିବର୍ତ୍ତନ କ୍ଷେତ୍ରରେ ଧ୍ୟାନ କେନ୍ଦ୍ରିତ କରି ଆଇ.ଟି IT = (Indian Talent)+(Information Technology)= IT (India Tomorrow) କୁ ସିଦ୍ଧି କରିବା ।

ଡିଜିଟାଲ୍ ଟେକ୍ନୋଲୋଜୀ ଏପରି ଏକ ବିଜ୍ଞାନ ପ୍ରସ୍ତୁତ ମୂଲ୍ୟବାନ ବସ୍ତୁ, ଯାହାକି ଅନେକ ସରକାରୀ ମନ୍ତ୍ରାଳୟ ଏବଂ ବିଭିନ୍ନ କ୍ଷେତ୍ରରେ ସହଯୋଗ କରେ । ଏହି ଡିଜିଟାଲ୍ ଟେକ୍ନୋଲୋଜୀ ମାଧ୍ୟମରେ ଆମର ପୂଣ୍ୟଭୂମି ଭାରତବର୍ଷ ଏକ ପ୍ରଗତିତଶାଳୀ ରାଷ୍ଟ୍ରରେ ପରିଗଣିତ ହୋଇପାରିବ । ଡିଜିଟାଲ୍ ଟେକ୍ନୋଲୋଜୀ ମାଧ୍ୟମରେ ଆଜିକାଲି ଗ୍ରାମ ଅଞ୍ଚଳରେ ଲୋକମାନେ ସହଜରେ କାଗଜପତ୍ରରେ ଥିବା ତୃଟିକୁ ସଂଶୋଧନ କରିପାରିଛି । ଆମର ଏହି କର୍ମମୟ ଜୀବନରେ ଆମେ ପଛକୁ ଚ୍ହହିଁବା ସେତେବେଳେ ୧୯୮୦ ମସିହାରେ sony ଏବଂ ଅନ୍ୟ କମ୍ପାନୀଗୁଡିକ ବିଭିନ୍ନ ପ୍ରକାର ଜନିଷ ବା ବସ୍ତୁ ଉଦ୍ଭାବନ କରିସାରି ବଜାରରେ ବିକ୍ରି କରିବାକୁ ଆରମ୍ଭ କରିଦେଲେ । ଏହି ପ୍ରକଳ୍ପକୁ ଆଶାଜନକ ଭାବେ ସୁଫଳ ପ୍ରାପ୍ତ କରିବା ନିମିତ୍ତ ସରକାରୀ ବିଭାଗ ଯେପରି ଆଇଟି, ଶିକ୍ଷା, କୃଷି ଆଦିମାନଙ୍କ ମଧ୍ୟରେ ପରସ୍ପର ସୁସଂପର୍କ ରହିଛି । ଏହା ଦ୍ୱାରା ଅନେକ ଉପକାର, ଅପକାର, ସୁବିଧା ଓ ଅସୁବିଧା ମଧ୍ୟ ହୋଇଥାଏ । (Digital Technology)

୨. ସମସ୍ତ ନେଟ୍ ବ୍ୟବହାରକାରୀ ନାଗରିକମାନଙ୍କ ସହ ଉସଶସସ୍ୱବକ୍ଷ ପ୍ର ର ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ ଯୋଜିହେବା । ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସେବା ଏବଂ ଏହାର ଲାଭ ବାବଦରେ ଅବଗତ କରାଇବା । ୩. ''ଇ - ସେବା'' ଯେଜନା ଏବଂ ନୂଆ ଯୋଜନା ଗୁଡିକୁ ଲୋକ ପରିଚୟ ଏବଂ ବ୍ୟାପକ କରିବା । ୪. ବ୍ୟବହାରିକ ଡିଜିଟାଲ ସାକ୍ଷରତା ଦ୍ୱାରା ଲୋକମାନଙ୍କୁ ସିକ୍ଷିତ କରିବା । ସାଇବର ସିକ୍ୟୁରିଟି, ସାଇବର ଉଦ୍ଭାବନ, ଡିଜିଟାଲ୍ ଭିତ୍ତିଭୂମି ସୁବ୍ୟବହାର ଇତ୍ୟାଦି

ପାରିଶ୍ରମିକ, ପ୍ରେରଣା ଏବଂ ଏହି ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ସହ ଲୋକଙ୍କ ସହ ଯୋଡି ହେବା ।